ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଜିଲ୍ଲା:ନୂଆପଡା ।

ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ ବାଲି ଘାଟ) ପାଞ୍ଚ ବର୍ଷିଆ ଲିଜ ନିମନ୍ତେ

**ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା. 1657 / ତାରିଖ. 06.07.2022

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋମନା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦି ସୂତ୍ରରେ ପାଞ୍ଚ ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଧିଷ୍ଟ ଫାରମରେ ଆବେଦନ କରିବେ । ଟେଣ୍ଡର ଫାରମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ [OMMC Rule, 2016] ଅନୁଯାୟୀ ନିର୍ଦ୍ଧିଷ୍ଟ ଫାରମ-M, ଟ. ୧୦୦୦.୦୦ କା ଏବଂ ଅତିରିକ୍ତ ୦୫ ପ୍ରତିଶତ ଜିଏସଟି ମୂଲ୍ୟ ରେ ତହସିଲ କାର୍ଯ୍ୟାଳୟରୁ ତା. ୦୮.୦୭.୨୨ ରିଖ ଠାରୁ ତା. ୨୬.୦୭.୨୨ ରିଖ ଘ.୫.୩୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ଉପଲବ୍ଧ ହେବ । ଉକ୍ତ ରାଶି ଫେରସ୍ତ ହେବ ନାହିଁ । ପ୍ରତ୍ୟେକ ଉତ୍ସ ନିମନ୍ତେ ତିନି କିତା ଲେଖାଏଁ ଫାରମ-M ସମ୍ପୂର୍ଣ ରୂପେ ଭର୍ତ୍ତି କରି ଆବଶ୍ୟକୀୟ କାଗଜାତ ସହ, ଜଉମୁଦ ଲଫାପା କରି ତହସିଲଦାର, କୋମନା ଙ୍କ କାର୍ଯ୍ୟାଳୟ ରେ ଡାକ/କୋରିଏର ଯୋଗେ ସମସ୍ତ ଆବଶ୍ୟକ କାଗଜାତ ସଂଲଗ୍ନକ ସହ ତା. ୨୭.୦୭.୨୨ ରିଖ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ତା. ୨୭.୦୭.୨୨ ରିଖ ଅପରାହ୍ନ ୦୫.୩୦ ଘଟିକା ପରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ । **ଲଫାପା ଉପରେ ସୈରାତ ଉତ୍ସ ର ନାମ ଲେଖାଥିବା ଏକାନ୍ତ ଆବଶ୍ୟକ ।** ପୃଥକ ସୈରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଆବେଦନ କରିବାକୁ ପଡିବ ।

ତହସିଲଦାର, କୋମନା ଙ୍କ କାର୍ଯ୍ୟାଳୟ ରେ ସମସ୍ତ ଆବେଦନକାରୀ କିମ୍ବା ଆବେଦନକାରୀଙ୍କ ଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ତା ୨୮.୭.୨୦୨୨ ଅପରାହ୍ନ ୩.୦୦ ଘ ଟେଣ୍ଡର ପେପର ଖୋଲାଯିବ । କୌଣସି ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ ପ୍ରକ୍ରିୟା ବନ୍ଦ ହେବ ନାହିଁ । ଅସମ୍ପୂର୍ଣ ଅଥବା ସଂଲଗ୍ନ ବିହୀନ ଦରଖାସ୍ତ ଗୁଡିକୁ ନାକଚ କରିଦିଆଯିବ ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଏବଂ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବ୍‌ସାଇଟ ରେ (www.nuapada.nic.in) ମଧ୍ୟ ଉପଲବ୍ଧ ଅଟେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ ଦସ୍ତାବିଜ :**

୧. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬[OMMC Rule, 2016] ଅନୁଯାୟୀ ନିର୍ଦ୍ଧିଷ୍ଟ ଫାରମ-M:୦୩ କିତା

୨. ଦରଖାସ୍ତ ଫି ବାବଦ କୁ ଟ୍ରେଜରି ଚାଲାଣ (ଫେରସ୍ତ ଦିଆଯିବ ନାହିଁ) ଟ. ୧୦୦୦.୦୦ କା
*(Head of Account: 0853-Non-ferrous-Mining and Metallurgical Industries-102-Minerals Concession Fee, Rents and Royalties)*

୩. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହିତ ଚୌହଦିର ସମ୍ପୂର୍ଣ ବିବରଣୀ ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ର ତାଲିକା ।

୫. ୧୮ ମାସର ବ୍ଯାଙ୍କ ଗ୍ୟାରେଣ୍ଟି କିମ୍ବା ଗତ ଆର୍ଥିକ ବର୍ଷ (୨୦୨୧-୨୨) ଆୟକର ରିଟର୍ଣ୍ଣ (income tax return)
[କେତେ ପରିମାଣର ଆୟକର ରିଟର୍ଣ୍ଣ (income tax return) କିମ୍ବା ବ୍ଯାଙ୍କ ଗ୍ୟାରେଣ୍ଟି ଦାଖଲ କରିବେ ତାହା ଉତ୍ସ ତାଲିକା ରେ ପ୍ରତ୍ୟେକ ଉତ୍ସ ର ଦକ୍ଷିଣ ପାର୍ଶ୍ୱରେ ଦର୍ଶାଯାଇଛି]

୬. ସୈରାତ ଉତ୍ସ (mining dues) ବାବଦରେ ସରକାରୀ ଦେୟ ବକେୟା ନଥିବାର ସତ୍ୟପାଠ (affidavit)

୭. ଗତ ଆର୍ଥିକ ବର୍ଷ (୨୦୨୧-୨୨) ପାଇଁ GST Certificate

୮. ୨୦୨୧-୨୨ ଆର୍ଥିକ ବର୍ଷର ଆୟକର ରିଟର୍ଣ୍ଣ (income tax return)ଦାଖଲ ର ନକଲ ।

୯. ଅନ୍ୟାନ୍ୟ ବିବରଣୀ ଯଥା: ବୈଷୟିକ ଜ୍ଞାନ, ଦକ୍ଷତା ତଥା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କିତ ତଥ୍ୟ ।

୧୦. ସମ୍ପୃକ୍ତ ଉତ୍ସ ର ଅମାନତ ରାଶି ।

ତହସିଲଦାର, କୋମନା

Scanned by CamScanner

## ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଜିଲ୍ଲା:ନୂଆପଡା ।

## ଲଘୁ ଖଣିଜ ଉତ୍ସ (ପଥର ଖାଦାନ) ପାଞ୍ଚ ବର୍ଷିଆ ଲିଜ ନିମନ୍ତେ

## ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା. 1661 / ତାରିଖ. 06.07.2022

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋମନା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ମୋରମ ଖାଦାନ/ ବାଲି ଘାଟ/ ପଥର ଖଣି) ଗୁଡିକ ର ଟେଣ୍ଡର ମାଧମରେ ଦୀର୍ଘ ମିଆଦି ସୂତ୍ର ରେ ପାଞ୍ଚ ବର୍ଷ ପାଇଁ ଲିଜ ନିମନ୍ତେ ଟେଣ୍ଡର ତା. ୦୮.୦୭.୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରୁ ତହସିଲ କାର୍ଯ୍ୟାଳୟ, କୋମନା ରେ ନିମ୍ନ ସାରଣୀ ମୁତାବକ ଜଉମୁଦ ଲଫାପା (ଟେଣ୍ଡର) ଜରିଆରେ ଆହ୍ୱାନ କରାଯାଉଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିବେ । ଉକ୍ତ ଟେଣ୍ଡର ଫାରମ ଓ ସମସ୍ତ ବିବରଣୀ ନିର୍ଦ୍ଦିଷ୍ଟ ଫାରମ-M, (ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ, ୨୦୧୬ [OMMC Rule, 2016] ଅନୁଯାୟୀ) ତହସିଲ କାର୍ଯ୍ୟାଳୟରୁ ତା. ୦୮.୦୭ .୨୨ ରିଖ ପୂର୍ବାହ୍ନ ୧୧.୦୦ ଠାରୁ ତା. ୨୬.୦୭.୨୨ ରିଖ ଘ.୫.୩୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ପ୍ରାପ୍ତ ହୋଇପାରିବ । ପ୍ରତ୍ୟେକ ଉତ୍ସ ନିମନ୍ତେ ତିନି କିତା ଲେଖାଏଁ ଫାରମ-M ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି କରି ଆବଶ୍ୟକୀୟ କାଗଜାତ ସହ, ଜଉମୁଦ ଲଫାପା କରି ତହସିଲଦାର, କୋମନା ଙ୍କ କାର୍ଯ୍ୟାଳୟ ରେ ଡାକ/କୋରିଏର ଯୋଗେ ସମସ୍ତ ଆବଶ୍ୟକ କାଗଜାତ ସଂଲଗ୍ନକ ସହ ତା. ୨୭.୦୭.୨୨ ରିଖ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ତା. ୨୭.୦୭.୨୨ ରିଖ ଅପରାହ୍ନ ୦୫.୩୦ପରେ କୌଣସି ଫର୍ମ ଗ୍ରହଣ କରାଯିବ ନାହି ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଏବଂ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବ୍ସାଇଟ ରେ (www.nuapada.nic.in) ମଧ୍ୟ ଉପଲବ୍ଧ ଅଟେ ।

| କ୍ର. ସଂଖ୍ୟା | ସୈରାତ ଉତ୍ସ ର ନାମ | ସୈରାତ କେସ ନଂ | ସୈରାତ ଉତ୍ସ ର ପ୍ରକାର | ସୈରାତ ଉତ୍ସ ର ବିସ୍ତାରିତ ବିବରଣୀ | | | | ଅତିରିକ୍ତ ଦେୟ ପ୍ରତି ଘନ ମିଟର | ଆର୍ଥିକ ବର୍ଷ (୨୦୨୧-୨୨) ଆୟକର ରିଟର୍ଣ୍ଣ (income tax return)କିମ୍ବା ବ୍ଯାଙ୍କ ଗ୍ୟାରେଣ୍ଟି ର ପରିମାଣ | ସର୍ବନିମ୍ନ ଧାର୍ଯ୍ୟ ପରିମାଣ (ଘନ ମିଟର/ପ୍ରତି ବର୍ଷ) | ଅମାନତ ରାଶି ର ପରିମାଣ |
|---|---|---|---|---|---|---|---|---|---|---|---|
| | | | | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | ରକବା | | | | |
| ୧ | ଟେଙ୍ଗନାବସା-୧ ବାଲି ଖଣି | ୦୧ /୧୫ | ବାଲି | ଟେଙ୍ଗନା ବସା ଓ କୋମନା | ୧୧୬, ୮୩୬ | ୨୮୦, ୪୪ | ୧୨.୩୫ | ୩୦.୦୦ | ୨,୦୦,୦୦୦ | ୨୮୦୦ | ୫୦,୦୦୦ |
| ୨ | ଟେଙ୍ଗନାବସା କିସନା ବାଲି ଖଣି | ୦୨/୧୫ | ବାଲି | ଟେଙ୍ଗନା ବସା ଓ କିସନା | ୨୪୨, ୧୧୬ | ୯୬୭, ୦୧ | ୧୨.୩୫ | ୩୦.୦୦ | ୨,୦୦,୦୦୦ | ୨୮୦୦ | ୫୦,୦୦୦ |
| ୩ | ବାଲିପାଟି-୩ ପଥର ଖଣି | ୦୪ /୧୬ | ପଥର | ବାଲିପାଟି | ୨୫୭ | ୪୬୧, ୪୬୪ | ୪.୩୫ | ୧୬.୦୦ | ୨,୦୦,୦୦୦ | ୨୫୫୦ | ୧୦୦,୦୦୦ |

Scanned by CamScanner

| | | | | | | | | | | |
|---|---|---|---|---|---|---|---|---|---|---|
| ୪ | ବାବେଘାଟି-୧ ପଥର ଖଣି | ୦୩/୧୬ | ପଥର | ବାବେଘାଟି | ୧୬୬ | ୧୯୪ | ୩.୯୪ | ୨୬.୦୦ | ୨,୦୦,୦୦୦ | ୧୫୨୩ | ୧୦୦,୦୦୦ |
| ୫ | ବାବେଘାଟି-୨ ପଥର ଖଣି | ୦୨/୧୬ | ପଥର | ବାବେଘାଟି | ୧୬୬ | ୧୯୪ | ୩.୧୫ | ୨୬.୦୦ | ୨,୦୦,୦୦୦ | ୧୫୧୮ | ୧୦୦,୦୦୦ |
| ୬ | ଲଖନା -୫ ପଥର ଖଣି | ୨୮/୧୩ | ପଥର | ଲଖନା | ୫୨୩ | ୧୨୬୦ | ୫.୦୦ | ୨୬.୦୦ | ୨,୦୦,୦୦୦ | ୨୫୨୪ | ୧୦୦,୦୦୦ |

ତହସିଲଦାର, କୋମନା

ଜ୍ଞାପକ ସଂଖ୍ୟା. 1662 / ତାରିଖ. 06.07.2022

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ନୂଆପଡାଙ୍କ ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ନିମନ୍ତେ ଅନୁରୋଧ କରି ପ୍ରେରଣ କରାଗଲା ।

ତହସିଲଦାର, କୋମନା

ଜ୍ଞାପକ ସଂଖ୍ୟା. 1663 / ତାରିଖ. 06.07.2022

ଏହାର ଏକକିତା ନକଲ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ ଅବଗତି ତଥା ନିଜ ନିଜ ସୂଚନା ଫଳକରେ ଛାପିବା/ ଟାଙ୍ଗିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉକ୍ତ କାର୍ଯ୍ୟାଳୟ ସୂଚନା ଫଳକରେ ଟଙ୍ଗା ଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା/ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କୋମନା ଙ୍କ ନିକଟକୁ ସୂଚନା ଫଳକ ରେ ଛାପିବା ନିମନ୍ତେ ପ୍ରେରଣ କାରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନୂଆପଡ଼ା/ ଜିଲ୍ଲାପାଳ, ନୂଆପଡା ଙ୍କ କାର୍ଯ୍ୟାଳୟ ନିକଟକୁ ଅବଗତି ତଥା ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୋମନା

Scanned by CamScanner